ଅଗଣା ଅଗଣି ବନସ୍ତରେ ବାଟହୁଡ଼ି କିଏ ଜଣେ ଡ଼ାକୁଛି । ସାଇଁ ସାଇଁ ନିଶା ଗର୍ଜୁଥିଲା । ଶୁଖିଲା ପତ୍ର ଉପରେ ଟୁପ୍‌ଟାପ୍ ହୋଇ ପଡୁଥିବା ଜାକରର ଶବ୍ଦ ଶୁଭୁଥିଲା; ଯେମିତି ବୃଦ୍ଧ କାଙ୍ଗାଳି ମହାପାତ୍ରଙ୍କ କରୁଣ ରାଗର ଭଜନ ସହ କେଉଁଠି କିଏ ତାଳମିଶାଇ ତାଳ ବଜାଉଛି ଖୁବ୍ ଧୀରେ ଧୀରେ । ଏ କରୁଣ ସ୍ୱନ ଶ୍ରବଣରେ ପୁତ୍ର ରତ୍ନାକରଙ୍କର ହଠାତ୍ ନିଦ ଭାଙ୍ଗିଯାଇଛି । ନିଦରୁ ଚକମି ଉଠି ସେ ଭାବିଛନ୍ତି "ଇଏ ବାପା ନା ଆଉ କିଏ ? ବାପାଙ୍କ କଣ୍ଠରୁ ଅନେକ ଜଣାଣ ଭଜନ ତ ସେ ଶୁଣିଛି, ହେଲେ ଏମିତି ହୃଦୟକୁ ମନ୍ଥି ଦେଲାପରି, ଗଛଲତା, କୀଟ ପତଙ୍ଗକୁ କନ୍ଦାଇ ଦେବା ପରି କରୁଣ ସ୍ୱରରେ ବାପା ଭଜନ ଗାଇବା ତ ସେ କେବେ ଶୁଣି ନାହିଁ ।" (ପୃ-୧୨) କାଙ୍ଗାଳି ମହାପାତ୍ରଙ୍କ କଣ୍ଠରୁ ସେ ଆତୁର ସ୍ୱନର ଭଜନ ଶେଷ ହେବା ପରେ ରତ୍ନାକର ବାପାଙ୍କୁ ଯାଇ ପଚାରିଛନ୍ତି "ବାପା ! ତମକୁ ଆଜି ସେ ଏମେଲେଙ୍କ ପାଖରେ କେତେ ନେହୁରା ହୋଇ କହିଲି । ପଦେ ଗୀତ ବୋଲି ଦେଇଥିଲେ ମାସକୁ ହଜାରେ ଟଙ୍କା ଭତ୍ତା ମିଳିଥାନ୍ତା । ତମେ ଚୁପ୍ ହୋଇ ବସିଲ । ଏବେ ଏତେ ସୁନ୍ଦର କରି ଭଜନ ଗାଉଛ କେମିତି ।"(ପୃ-୧୩) ପୁତ୍ରର ପ୍ରଶ୍ନର ଉତ୍ତର ଦେବାକୁ କାଙ୍ଗାଳି ମହାପାତ୍ର ଇହଧାମରେ ନଥିଲେ । "ଶୁନ୍‌ଶାନ୍ ବହଳ ଅନ୍ଧକାର ଭିତରେ ବାପାଙ୍କର ସ୍ୱର ଶୁଭୁଥିଲା ଏକ ଅଶରୀରୀର କଥାପରି । ରତ୍ନାକର ଚମକି ପଡି ଆଲୁଅ ଲଗାଇଲା ଓ ନିଥର ଭାବେ ଖଟରେ ଜାକିଜୁକି ହୋଇ ପଡିଥିବା ବାପାଙ୍କ ଦେହରେ ହାତମାରି ଭାବିଲା- ବରଫ ପରି ଏତେ ଥଣ୍ଡା ଦେହରେ କ'ଣ ଜୀବନ ଥାଏ ! ତା' ହେଲେ ଏତେ ସମୟ ଧରି ଏ ଅନ୍ଧାର ଭିତରେ ଗୀତ କିଏ ଗାଉଥିଲା, ସେ ତେବେ କାହା ସହ କଥା ହୋଉଥିଲା ।"(ପୃ-୧୩) ମାନବିକତାର ଅବକ୍ଷୟ ଅର୍ଥଲୋଭୀ ମଣିଷର ପ୍ରବୃତ୍ତି, ହୃଦୟହୀନ୍‌ତାର ସ୍ପଷ୍ଟ ନିଦର୍ଶନ, ସର୍ବୋପରି କଳାକୁ ମାଆ ସରସ୍ୱତୀ ବୋଲି ଆରାଧନା କରୁଥିବା ସ୍ୱାଭିମାନୀ ମଣିଷର ଦୃଢ଼ ସ୍ୱାଭିମାନର ଚିତ୍ର ନିଖୁଣ ଭାବରେ ଚିତ୍ରିତ । ଲେଖକଙ୍କ ଗଳ୍ପର ଶେଷାଂଶର ଅନ୍ତରାଳରେ ରହିଯାଇଛି ଦର୍ଦଭିଜା ନିଷ୍ଠୁର ସତ୍ୟର କଥା; ଯାହା ପାଠକର ଆଖିକୁ ଅନ୍ତେଷ୍ଟରେ ଲୋତକାପ୍ଲୁତ କରିଛି । ଗଳ୍ପର ଲିଖନ ପଶ୍ଚାତ୍‌ରେ ଲେଖକଙ୍କ ଲୁକ୍କାୟିତ ମନତଳର ଅବସୋସ୍ ଓ ଉଦେଶ୍ୟ ମଣିଷ ପଣିଆ ଭର୍ତ୍ତି ଏକ ସୁସ୍ଥ ସୁନ୍ଦର ପୃଥିବୀ ଓ ସମାଜର ପରିକଳ୍ପନା ।

ସନ୍ଦେହର ମାୟା ଜାଲରେ ମଣିଷ ଥରେ ପଡିଲେ ତାର ଶେଷ ପରିଣତି ବଡ଼ ଭୟଙ୍କର ଓ ଭୀଷଣ ହୋଇପାରେ ଯାହାର ଚିତ୍ର "ସୀତା, ଅହଲ୍ୟା, ରେଖା, ଇତ୍ୟାଦିଙ୍କ କଥା" ଗଳ୍ପରେ ଚିତ୍ରିତ । ମିଥ୍‌ଧର୍ମୀ ଏହି ଗଳ୍ପରେ ଗାଳ୍ପିକ ପ୍ରମାଣ କରିଦେବାକୁ ଚାହିଁଛନ୍ତି ଯେ ସୀତା=ଅହଲ୍ୟା=ରେଖା । ସମସ୍ତେ ପରିତ୍ୟକ୍ତା କିମ୍ବା ସମସ୍ତେ ଶାପଗ୍ରସ୍ତା । ପୁରୁଷ ସନ୍ଦେହାଗ୍ନିରେ ଏମାନେ କାଳେକାଳେ ଦଗ୍ଧୀଭୂତା । ଗଳ୍ପର ଗଳ୍ପନାୟକ ରମାକାନ୍ତ ମିଛ ସନ୍ଦେହର ବଶୀଭୂତ ହୋଇ ଦୁଇ ସୁପାରୀ କିଲରଙ୍କ ଦ୍ୱାରା ପତ୍ନୀ ରେଖାଙ୍କ ମର୍ଡର କରାଇ ନିଜ ଅମଣିଷ ପଣିଆର ପରିଚୟ ଦେଇଛନ୍ତି । ଏଭଳି ଅମାନୁଷିକ ଘଟଣା ପ୍ରାତ୍ୟହିକ ସମାଜରେ ବିରଳ ନୁହେଁ । ଏଠି ସ୍ୱାମୀ ସ୍ତ୍ରୀର ସମ୍ପର୍କର ଟାଣପଣ ସୂତାଖିଅ ପରି । ଏକ ସ୍ୱାମୀ, ସ୍ତ୍ରୀର ଦୀର୍ଘ ବର୍ଷର ପ୍ରେମ ବନ୍ଧନର ମୂଲ୍ୟ ପାଣି ଫୋଟକା ପରି । ମର୍ଯାଦା ପୁରୁଷ ରାମଚନ୍ଦ୍ର ହୁଅନ୍ତୁ କି ଗୌତମ ହୁଅନ୍ତୁ କି ଚଳନ୍ତି ସମୟର ରମାକାନ୍ତ ହୁଅନ୍ତୁ ସବୁ ପୁରୁଷଙ୍କ ଆଖିରେ ସନ୍ଦେହର ବାୟାବସା ଦାନା ବାନ୍ଧିଥାଏ । ଏ ସନ୍ଦେହର ଯବନିକା କେବେହେଁ ପଡିବ ନାହିଁ । କାଳେ କାଳେ ସୀତା, ଅହଲ୍ୟା, ରେଖାଙ୍କ ପରି ପରିତ୍ୟକ୍ତା ପତ୍ନୀ ମାନେ ଅଛନ୍ତି; ମାତ୍ର ପୁରୁଷ ସମାଜ ପତ୍ନୀର ପାତିବ୍ରତ୍ୟକୁ ଚିହ୍ନିପାରିନାହିଁ । ଭଲପାଇବାର ମୂଲ୍ୟକୁ ପରଖି ପାରିନାହିଁ । ନାରୀ ମନତଳର ପ୍ରେମର ଗଭୀରତାକୁ ମାପି ପାରିନାହିଁ । ଗାଳ୍ପିକ ଏଇ ପ୍ରତୀକ ଧର୍ମୀ ଗଳ୍ପରେ ତିନୋଟି ପ୍ରତୀକଧର୍ମୀ ଚରିତ୍ର, ସୀତା, ଅହଲ୍ୟା, ରେଖାକୁ ଅତି ସନ୍ତର୍ପଣରେ ସଂଯୋଜିତ କରି ଦର୍ଶାଇ ଦେବାକୁ ଚାହିଁଛନ୍ତି ଯେ, ସେ ତ୍ରେତୟା ଯୁଗ ହେଉ ବା କଳିଯୁଗ, ପୁରାଣଯୁଗ ହେଉ ବା ଅତ୍ୟାଧୁନିକ ଯୁଗ କାଳେ କାଳେ ପୁରୁଷ ଜାତି ସନ୍ଦେହୀ, ସେ କେବେ ହେଁ ନାରୀର ଅକୁଣ୍ଠ ନିର୍ମଳ ଭଲପାଇବାକୁ ହୃଦୟସ୍ଥ କରିପାରିବ ନାହିଁ, କେବେ ହେଁ ସେ ନାରୀକୁ ସମ୍ମାନ ଦେଇ ଶିଖିବ ନାହିଁ; କେବେ ହେଁ ସେ ନାରୀ ମନତଳର ଦର୍ଦକୁ ବୁଝିପାରିବ ନାହିଁ । ସାମାନ୍ୟ ସନ୍ଦେହର ବିଷଜ୍ୱାଳାରେ ସେ ଚିରକାଳ ଜଳୁଥିବ ହିଁ ଜଳୁଥିବ- ଏହା ହିଁ ପୁରୁଷ ଜାତିର ସ୍ୱଭାବ ।

ଯେତେ ବଡ଼ ପ୍ରତିଷ୍ଠିତ ବ୍ୟକ୍ତି ହେଲେବି ପଦପଦ୍ଧି ଦ୍ୱାରା ପରିଚିତ ଲାଭ କରନ୍ତି ଯାହାର ଦୃଷ୍ଟାନ୍ତ ରହିଛି "ମାର୍ଫତ ବାବୁନି ମହାନ୍ତି" ଗଳ୍ପରେ । ହାଇକୋର୍ଟର ଜଜ୍ ଜଷ୍ଟିସ୍ ଉଜ୍ଜମ କୁମାର ମହାନ୍ତି ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ରଣପୁର ଲୁଆବନୀ କେଶରେ ଦି'ଜଣଙ୍କୁ ଫାଶୀଦଣ୍ଡ ଦେଇ ଚର୍ଚ୍ଚିତ ହୋଇଥିଲେ । ରିନାଉନ୍ ବ୍ୟକ୍ତିତ୍ୱ ରିଟାୟାର୍ଡ ଜଷ୍ଟିସ୍ ୟୁ.କେ. ମହାନ୍ତି କାଳକ୍ରମେ ଲୋକ ଲୋଚନରୁ ଅପସରି ଆସିଛନ୍ତି । ତାଙ୍କର ପରିଚୟ ତାଙ୍କ ଠାରୁ ଷାଠିଏ ବର୍ଷ ସାନ ନାତି ବାବୁନି ମହାନ୍ତିଙ୍କ ଠିକଣା ତଳେ ଚାପି ହୋଇଯାଇଛି । ବାବୁନି ମହାନ୍ତିଙ୍କ ଜେଜେ ହିସାବରେ ସେ ନୂଆ ପରିଚୟରେ ପରିଚିତ ହୋଇଛନ୍ତି । ଜଷ୍ଟିସ୍ ମହାନ୍ତିଙ୍କୁ ନିମନ୍ତ୍ରଣ କରିବାକୁ ଆସିଥିବା ବିଦ୍ୟାଧର ବାବୁଙ୍କୁ ବିଦାୟ ଦେଲାବେଳେ ଅତି ଉଦାସ ସ୍ୱରରେ ଜଷ୍ଟିସ ମହାନ୍ତି କହିଛନ୍ତି "ବୁଝିଲେ ଆଜ୍ଞା, ଭବିଷ୍ୟତରେ କେବେ ଯଦି ମୋତେ ନିମନ୍ତ୍ରଣ କରିବାର ଥାଏ, ଆଉ କଷ୍ଟକରି ଏତେ ବାଟ ଆସିବେନି । କେବଳ ମୋ ଠିକଣାରେ ଚିଠି ଖଣ୍ଡେ ପୋଷ୍ଟ କରିଦେବେ । ଆଉ ଗୋଟିଏ କଥା ମନେ ରଖିବେ । ଠିକଣାରେ ନିଶ୍ଚୟ ଲେଖିବେ- ଜଷ୍ଟିସ୍ ୟୁକେ ମହାନ୍ତି । ମାର୍ଫତ ବାବୁନି ମହାନ୍ତି । ଚିଠି ମୋ ପାଖରେ ନିଶ୍ଚିତ ପହଞ୍ଚିବ ବୋଲି ଆଜି ମୋର ବିଶ୍ୱାସ ହେଲା ।" (ପୃ-୩୫)

'ଚୈତନ୍ୟର ପ୍ରଶ୍ନ' ଗଳ୍ପରେ ଚୈତନ୍ୟଙ୍କ ମନରେ ଉଠୁଥିବା ପ୍ରଶ୍ନର ଜବାବ୍ ଏ ସମାଜ ଦେଇପାରିବ କି ଦେଶକୁ ନେଉଥିବା ଶାସକ ଗୋଷ୍ଠୀ ମାନଙ୍କ ପାଖରେ ନାହିଁ । ଗଳ୍ପ ନାୟିକା ଶକୁନ୍ତଳା ମିଶ୍ର କୌଣସି ଅଭିନେତ୍ରୀ ନଥିଲେ କି ମଡ଼େଲ ନଥିଲେ, କୌଣସି ରାଜନୈତିକ ଦଳର ନେତ୍ରୀ ନଥିଲେ, କି ମାଓନେତ୍ରୀ ନଥିଲେ, କି ବିଶିଷ୍ଟ କବୟିତ୍ରୀ ନଥିଲେ ତଥାପି ଶକୁନ୍ତଳା ମିଶ୍ର ବୋଲି ପଲ୍ଲୀରୁ ଦିଲ୍ଲୀଯାଏ ଚର୍ଚ୍ଚା ଥିଲା । ମୃତା ଶକୁନ୍ତଳା ମିଶ୍ରଙ୍କୁ ନେଇ ଆସେମ୍ବ୍ଲିରେ, ଖବରକାଗଜ ଦପ୍ତରରେ, ଟେଲିଭିଜନ ଚ୍ୟାନେଲରେ, ଷ୍ଟୁଡ଼ିଓରେ ସବୁଠି ପରିବେଶ ସରଗରମ ଥିଲା । ମୃତା ଶକୁନ୍ତଳା ନିର୍ଭୟା ନଥିଲେ କି ପ୍ରୀତିଶ୍ରୀ ନଥିଲେ, ଥିଲେ ମେହେନତି ମଣିଷର ପ୍ରତିନିଧି । କୌଣସି ଏକ ବର୍ଷଣମୁଖର ସନ୍ଧ୍ୟାରେ ଟାଉନ୍‌ହଲ୍‌ରେ ମୃତା ଶକୁନ୍ତଳା ମିଶ୍ରଙ୍କୁ ନେଇ ତୁମିତୋଫାନ ଆରମ୍ଭ ହୋଇ ସାରିଥିଲା । ବିରୋଧୀ ଦଳର ନେତା, ଗାନ୍ଧିବାଦୀ ନେତା, ମାର୍କ୍ସବାଦୀ ନେତା, ଅର୍ଥମନ୍ତ୍ରୀ, ଅର୍ଥନୀତିଜ୍ଞ, ବିଶ୍ୱବିଦ୍ୟାଳୟ କୁଳପତି, ଲେଖକ, ପ୍ରଶାସନ, ଖବରକାଗଜ ସଂପାଦକ, ଟ୍ରେଡ୍ ୟୁନିୟନ୍ ନେତା ସମସ୍ତେ ଯେଝା ଯେଝା ବକ୍ତବ୍ୟରେ ଆକର୍ଷଣୀୟ କଥା କହି ସଭା ସ୍ଥଳକୁ ଗରମାଗରମ କରିଦେଇଥିଲେ । ରାଜନୈତିକ ଦଳର ନେତା ମାନେ ଏହି ପ୍ରସଙ୍ଗକୁ ନେଇ ରାଜନୀତି ଆରମ୍ଭ କରିଦେଇଥିଲେ, ମାତ୍ର ଦେଶର ମୁଖ୍ୟ ସମସ୍ୟା ରୋଜଗାରହୀନତା, ଅନାହାରରେ ମୃତ୍ୟୁ, ମେହେନତି ମଣିଷର କଷ୍ଟ- ଏସବୁର ବିକଳ୍ପ ବ୍ୟବସ୍ଥା ଓ ସମାଧାନର ଚିନ୍ତା କେହି କରୁନଥିଲେ । ଏସବୁର ପ୍ରତୀକ ହୋଇ ମୃତ୍ୟୁବରଣ କରିଥିଲେ ଗରିବ ବିଧବା ବ୍ରାହ୍ମଣୀ ଶକୁନ୍ତଳା ମିଶ୍ର । ସନ୍ତାନଟିକୁ ପେଟପୁରା ଖାଦ୍ୟ ଯୋଗାଇ ନପାରି, ଅକ୍ଲାନ୍ତ ପରିଶ୍ରମ କରିକରି ଶେଷରେ ସନ୍ତାନଟିକୁ ଲୋରୀ ଶୁଣାଇ ଶୁଣାଇ ନିଜେ ଶୋଇଯାଇଥିଲେ । ବାପା ମା ଛେଉଣ୍ଡ ସନ୍ତାନ ଆଲୋକ ପାଇଁ କାହା ମନରେ ଦର୍ଦ୍ଦ ନଥିଲା । ଆରମ୍ଭରୁ ସଭାସଦ୍ ମାନଙ୍କର ଭାଷଣବାଜିକୁ ଶୁଣି ଆସୁଥିବା ଚୈତନ୍ୟ ହଠାତ୍ ସଭାମଂଚକୁ ଉଠିଯାଇ ନିଜ ମନରେ କୁହୁଳୁଥିବା ପ୍ରଶ୍ନ "ବାଃ ବାଃ ଆପଣମାନେ ଏମିତି ଯୁଗଯୁଗ ଧରି ଏହି ଅନ୍ଧାରରେ ବସି ଏମିତି ବିତର୍କ କରୁଥିବେ, ଅଥଚ ଆମେମାନେ କେତେବେଳେ ବାପା ମା' ଛେଉଣ୍ଡ ହୋଇ ଆମ ପିଲାଦିନକୁ ବନ୍ଧା ପକଉଥିବୁ କାହା ପାଖରେ ତାହା ଆପଣମାନେ ଜାଣିପାରିନାହାନ୍ତି । ବନ୍ଦ କରନ୍ତୁ ଏ ବିତର୍କ, ଏ ସଭା ସମିତି । କାରଣ, ଏକା ଆଲୋକର ମାଆ ଶକୁନ୍ତଳା ନୁହେଁ, ଆମ ମା' ମାନେ ବି ଏମିତି ଲୋରି ଗାଇବାକୁ ସଜ ହେଲେଣି । କିଏ ଜାଣେ ସେମାନେ ଆଉ ନିଦରୁ ଉଠିବେ କି ନାହିଁ । ଆପଣମାନେ ଆମ ମା' ମାନଙ୍କୁ ଏ ଲୋରୀ ଗାଇବାରୁ ନିବୃତ୍ତ କରିପାରିବେ ନା ଏମିତି ଅନ୍ଧାରରେ ବସି ବିତର୍କ କରୁଥିବେ ? କୁହନ୍ତୁ !" (ପୃ-୪୭) ର ଉତ୍ତର ମାଗି ବସିଲେ ଦେଶପାଳକ, ନେତା, କର୍ମୀ, ସମାଜର କର୍ଣ୍ଣଧାର ମାନଙ୍କୁ । ଚୈତନ୍ୟଙ୍କ ପ୍ରଶ୍ନର ଉତ୍ତର ଓ ପାଲଟା ଜବାବ୍ କାହା ପାଖରେ ନଥିଲା; ଥିଲା ଖାଲି ସେମାନଙ୍କ ମୁହଁରେ ବହଳ ବହଳ ଅନ୍ଧାରର ଶୂନ୍ୟତା ।

ଗୋଟିଏ ମାଆର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଆଦର ସବୁ ସନ୍ତାନ ପାଇଁ ସମାନ ଥାଏ । ପୁତ୍ର ସ୍ନେହ ପ୍ରତି ଯେତିକି, ଜୀବନ୍ତ ପ୍ରୁହ ପ୍ରତି ମଧ୍ୟ ସେତିକି । ଯାହା ପ୍ରତିଫଳିତ ହୋଇଛି 'ମଆ' ଗଳ୍ପରେ । 'ବୁଦ୍ଧ' ଗଳ୍ପରେ ବୁଦ୍ଧତ୍ୱର ପରିଭାଷା କ'ଣ ସ୍ତ୍ରୀ ଗୀତା ଶିଖେଇ ଦେଇଛନ୍ତି ଆଜୀବନ ବୁଦ୍ଧ ହେବା ପାଇଁ ଲାଳସା ରଖିଥିବା ସ୍ୱାମୀ ଗଣପତିଙ୍କୁ । ସାରା ଜୀବନ "ଇଚ୍ଛାକରି, ଚେଷ୍ଟାକରି କେହି ବୁଦ୍ଧ ହେଇଯାଏ ନାହିଁ । ପ୍ରତିଦିନ, ପ୍ରତି ଘଡ଼ିକେ ଏ ସଂସାରରେ ଅନେକ ନୂଆ ବୁଦ୍ଧ ଜନ୍ମ ନଉଛନ୍ତି । କାରଣ ବୁଦ୍ଧ ହେବାପାଇଁ ବଣଜଙ୍ଗଲ, ନଦୀନାଳ ବୁଲି ବୁଲିବା ଦରକାର ନାହିଁ, କି ବୁଦ୍ଧ ହେବାପାଇଁ ଆଖି ବୁଜି ଧ୍ୟାନରେ ବସିବା ଦରକାର ନାହିଁ । ଏଇ ସଂସାର ଭିତରେ ଥାଇ ଅଚାନକ କିଏ କେତେବେଳେ ବୁଦ୍ଧ ହେଇଯିବ କିଏ ଜାଣେ । କିନ୍ତୁ ତମ ପରି ବୁଦ୍ଧ ହେବାକୁ କାମନା କରୁଥିବା ଲୋକମାନେ ସାରା ଜୀବନ, ଏମିତି ଅନେକ ଜୀବନକୁ ଗୋଟିଏ ମାତ୍ର ରାତିପରି ବୃଥାରେ ବିତେଇ ଦେଲେ, ଯେତେ ବିକଳ ହୋଇ ବୁଲିଲେ ବି ବୁଦ୍ଧ ହୋଇ ପାରିବିନି ।"(ପୃ-୬୨) ସ୍ତ୍ରୀ ଗୀତାଙ୍କ ଏଭଳି ଉକ୍ତିରେ ସ୍ତବ୍ଧ ହୋଇଯାଇଛନ୍ତି ଗଣପତି । ସାରାଜୀବନ ବୁଦ୍ଧ ହେବାର ନିଶାରେ ପରିବାର, ସ୍ତ୍ରୀ, ସନ୍ତାନ ପରିତ୍ୟାଗ କରି ଛାଡ଼ି ଚାଲିଯାଇଥିବା ଗଣପତି ବୁଝି ପାରିଛନ୍ତି ବୁଦ୍ଧ ପରି ସ୍ୱଭାବ ଓ ବୁଦ୍ଧ ହେବା ଦୁଇଟା ଅଲଗା ଅଲଗା କଥା । ବୁଦ୍ଧ ପାଲଟି ଯିବାର ନିଶାରେ ଅର୍ଦ୍ଧରାତ୍ରିରେ ନିଦ୍ରାଭୂତା ପତ୍ନୀ ଓ ଶିଶୁପୁତ୍ରକୁ ଛାଡ଼ି ଚାଲିଆସିଥିବା ବେଳେ ପତ୍ନୀ ଗୀତାଙ୍କ ମୁହଁରେ ଲାଖି ରହିଥିଲା ରହସ୍ୟମୟୀ ସ୍ମିତହସ ଓ ପ୍ରଶାନ୍ତି । ମ୍ଲାନ ଦୀପ ଶିଖାରେ ଗୀତାର ମୁହଁ ଦିଶୁଥିଲା ବଉଦ ଫାଙ୍କରେ ବୁଡ଼ିଯାଉଥିବା ଏକ ପୂର୍ଣ୍ଣିମା ଜହ୍ନପରି ଲୋଭନୀୟ । ଆଶ୍ଚର୍ଯ୍ୟ ହେଲେ ଗଣପତି ପିଲାଦିନରୁ ସେ ଏତେ ଧ୍ୟାନ କରି, ଏତେ ଅଧ୍ୟୟନ କରି ଯେଉଁ ଉଜ୍ଜ୍ୱଳତା ଓ ଶାନ୍ତଭାବକୁ ଖୋଜୁଥିଲି; ତାହା ଗୋଟାଏ ସାଧାରଣ ସ୍ତ୍ରୀ ଲୋକର ଆଖିରେ ଓ ଓଠରେ କେମିତି ଆସିଲା ? "ଗଣପତି ଗୀତାର ମୁହଁକୁ ବାରମ୍ବାର ଚାହିଁଲା ଓ ବାରମ୍ବାର ଆଖି ମଳିଲା । ଏ ସତରେ ଗୀତା ନା ଆଉ କେହି ! ଗୀତାର ଓଠରେ ଏମିତି ଅର୍ଥପୂର୍ଣ୍ଣ ସ୍ମିତହସ ଓ ଗୀତାର ବନ୍ଦ ଆଖିପତାରେ ଏତେ ଗଭୀର ପ୍ରଶାନ୍ତି ତ ସେ କେବେ ଦେଖିନଥିଲା ! ଗଣପତିଙ୍କୁ ଲାଗିଲା ସେ ଚିତ୍ରବୁଦ୍ଧଙ୍କ ଓଠରେ ଯେଉଁ ହସ ଦେଖିଛି ଏବଂ ବୁଦ୍ଧଙ୍କ ଆଖିର ଯେଉଁ ପ୍ରଶାନ୍ତି ଦେଖିଛି ତାଏ ଅବିକଳ ସେଇ"(ପୃ-୬୭) ଯା ଭିତରେ ଖାଲି ଦିନ ରାତି ନୁହଁ, ମାସ କି ବର୍ଷ ନୁହଁ, କେତେ ଯୁଗ ବିତିଗଲାଣି ତଥାପି ଗଣପତିଙ୍କର ଅନ୍ୱେଷଣ ସରିନାହିଁ । ସେ କ'ଣ ଗୋଟାଏ ଖୋଜି ଚାଲିଛନ୍ତି । ନିଜକୁ ନିଜେ ପ୍ରଶ୍ନ ପଚାରୁଛନ୍ତି, ପାଇଲୁ କିଛି ? ବୁଦ୍ଧ ହେବାର ନିଶାରେ ଅହର୍ନିଶ ତପସ୍ୟା ଓ ସାଧନା ସବୁକିଛି ଗୀତାଙ୍କ ପ୍ରଶାନ୍ତିଯୁକ୍ତ ସ୍ମିତହସ ପାଖରେ ତୁଚ୍ଛ ବୋଲି ଅନୁଭବ କରିଛନ୍ତି ଗଣପତି "ବୁଦ୍ଧ ହେବାର ମାର୍ଗ ଖୋଜି ଖୋଜି ମୁଁ ଏତେ ବାଟ ଆସିଲି, ଅଥଚ ଆଜିଯାଏ ସେଇ ଗୋଟିଏ କଥା ମୁଁ ବୁଝିପାରୁନାହିଁ, ସେଦିନ ଗୀତାର ଓଠରେ ବୁଦ୍ଧଙ୍କ ସ୍ମିତହସ ପରି ସେ ହସ ଓ ଗୀତାର ଆଖିପତାରେ ବୁଦ୍ଧଙ୍କ ଆଖିର ପ୍ରଶାନ୍ତି ଆସିଲା କେମିତି । ଏତେବାଟ ଖୋଜି ଖୋଜି ଚାଲିଆସିଲି ବୁଦ୍ଧ ହେବାତ ଦୂରର କଥା, ଗୀତାର ଓଠରେ ଥିବା ସେ ସ୍ମିତହସ ଓ ଆଖିରେ ଥିବା ସେ ପ୍ରଶାନ୍ତ ଉଦାସୀ ଟିକକକୁ ତ ଏ ଯାଏଁ ପାଇପାରିଲି ନାହିଁ । xxx ସେ ସେହି ନଦୀ କୂଳରେ ବସି ସ୍ଥିର କଲା- ନା, ଫେରିଯିବି । ଯଦି ଗୀତା ବଞ୍ଚିଥିବେ, ତେବେ ତାଙ୍କୁ ପଚାରିବି, ସତକୁହ, ତୁମ ଓଠକୁ ସେ ହସ ଓ ତମ ଆଖିକୁ ସେ ପ୍ରଶାନ୍ତି ଆସିଲା କେମିତି ? ତୁମେ କ'ଣ ବୁଦ୍ଧ ? ଏମିତି ଭାବିଦେବା ମାତ୍ରେ ଗଣପତି ଉଠି ଠିଆ ହେଲା ଓ ପଛକୁ ଫେରିଲା ।" (ପୃ-୬୯) ତାଙ୍କ ସାମ୍ନାରେ ଜୀବନଜଂଜାଳ ଯୁକ୍ତ ଏ ଭବ ସଂସାରରେ ରହି ବୁଦ୍ଧତ୍ୱ ଲାଭ କରିବାର ମାର୍ଗ ପ୍ରଶସ୍ତ ହୋଇ ସାରିଥିଲା ।

'ମାଟିର ଦୁଃଖ' ଗଳ୍ପରେ ମାଟି ମାଆର ଦୁଃଖକୁ ଅଙ୍ଗେ ଅଙ୍ଗେ ଅନୁଭବୀଛନ୍ତି ଜଣେ ଆଦର୍ଶ ସ୍କୁଲ ଶିକ୍ଷକ ବାସୁଦେବ ରାୟ । ତମାମ ଜୀବନ, ଛାତ୍ରମାନଙ୍କୁ ଓ ନିଜ ପୁତ୍ରମାନଙ୍କୁ ଆଦର୍ଶ ଓ ନୈତିକ ଶିକ୍ଷା ଦେଇ ବଡ଼ କରିଥିବା ବାସୁଦେବ ରାୟ ଏ ଦେଶର ଯୁବସମାଜ ଓ ଗ୍ରାମର ଯୁବକମାନଙ୍କୁ ଅକାଳ କୁଷ୍ମାଣ୍ଡ ପରି ପଡ଼ି ରହିଥିବା ଦେଖି ଦୁଃଖି ହୋଇଛନ୍ତି । ଯେଉଁ କ୍ଷେତରେ ଭାଦ୍ରବ ମାସରେ ସବୁଜରଂଗ ଲହଡ଼ି ମାରୁଥିଲା, ଆଉ ମାର୍ଗଶିର ମାସକୁ ଯେଉଁ କ୍ଷେତରେ ସୁନାରଂଗ ଛାଇ ଯାଉଥିଲା, ଏବେ ସେଇ କ୍ଷେତ ହତଶ୍ରୀ ହୋଇ ପଡିରହିଛି । ହଳ କରିବାକୁ ଲୋକ ମିଳୁନାହାନ୍ତି କି ମୁଠାଏ ବିହନ ବୁଣିବାକୁ କେହି ନାହାନ୍ତି, ଅଥଚ ଚା' ଦୋକାନରୁ ବରଗଛର ଗଡ଼ିନାଯାଏ ସବୁଜ ଦଳଦଳ ହୋଇ ଲୋକ ଗୁଲିଖଟି କରୁଛନ୍ତି । ତାସ, ପଶାମାଲି ଖେଳୁଛନ୍ତି ହରଦମ୍ । ଗ୍ରାମର ଭେଣ୍ଡିଆ ଟୋକା ଓ ଦେଶର ଯୁବବର୍ଗଙ୍କ ଏତାଦୃଶ

କାର୍ଯ୍ୟକଳାପ ବାସୁଦେବ ରାୟଙ୍କୁ ବଡ଼ ବାଧୁଛି । ଦେଶର ଭବିଷ୍ୟତ ଏହି ଯୁବଶକ୍ତି ମାନଙ୍କର ମହାର୍ଘ୍ୟ ସମୟକୁ ଏଭଳି ନଷ୍ଟ କରୁଥିବା ଦେଖି ତାଙ୍କ ଛାତି ଫାଟିଯିବା ଭଳି ବୋଧ ହୋଉଛି । ଏଥିପାଇଁ ସେ ସରକାରଙ୍କୁ ଦାୟୀ କରିଛନ୍ତି । ବଦମାସ ସରକାରଙ୍କର ଟଙ୍କାନେଇ ବିଲେ ଭଉଳ ଯୋଜନା, ସୁଲଭ ପାଞ୍ଚଟଙ୍କିଆ ଖାଦ୍ୟ ବିକ୍ରୟ ଯୋଜନା ଆଦି ବିବିଧ ଦାର୍ଘମିଆଦୀ ଲାଞ୍ଚ ଆଜି ଏ ଦେଶର ଯୁବଶକ୍ତିକୁ କର୍ମକୁଢ଼ିଆ କରିଦେଇଛି । ଯେଉଁଠି ମାଟି ବଦଳୁ ନାହିଁ, ଆକାଶ ବଦଳୁ ନାହିଁ, ପାଣିପବନ ବଦଳୁ ନାହିଁ; ସେଠି ଯୁବଶକ୍ତି ନିଜ ରୁଚି ଅନୁସାରେ କାହିଁକି ବଦଳି ଯାଉଛନ୍ତି ? ପ୍ରଗତି ନାମରେ ୨୪ ଘଣ୍ଟା ତାସଖେଳି ଚୋଲି ମହାର୍ଘ୍ୟ ସମୟ ନଷ୍ଟ କରିବା, ପରିବର୍ତ୍ତନ ନାମରେ ଛିନ୍ନମୂଳ ହେବା ଓ କର୍ମ ସଂସ୍କୃତିକୁ ଭୁଲିଯାଇ କର୍ମକୁଣ୍ଠା ପ୍ରକାଶ କରିବା ଆଦର୍ଶବାଦୀ ଶିକ୍ଷକ ବାସୁଦେବ ରାୟଙ୍କୁ ଡିଷ୍ଟ ଦେଉଛି । ଆହୁରି କଷ୍ଟ ଦେଉଛି ଲକ୍ଷ୍ମୀ ଭଣ୍ଡାର ସମ ଏ ମାଟି ମାଁଆର ମୁଣ୍ଡ କୋଡି ବିକଳ ହୋଇ କାନ୍ଦିବାର ଦୃଶ୍ୟ । ବଞ୍ଚି ଥାଉଥାଉ ଜୀବାବିଷାର ଯନ୍ତ୍ରଣାବୋଧ ଭିତରେ ସେ ଆତ୍ମାମାଲ୍ଲା ହୋଇ ଉଠିଛନ୍ତି ।

ଏ ସଂସାରରେ ସମସ୍ତେ ଏତେ ବ୍ୟସ୍ତ ଯେ କେହି କାହାର ବିକଳ ଡାକ ଶୁଣିପାରୁନାହାନ୍ତି କି ଶୁଣି ମଧ୍ୟ ଅଶୁଣା ପରି-ଭଳିଯାଉଛନ୍ତି- ତାହାର ଚିତ୍ର ରହିଛି 'କେହିଜଣେ ଡାକୁଥାଇ ପାରେ' ଗଳ୍ପରେ । "ଆପଣ ଯଦି କହୁଛନ୍ତି ଖାଲି ବାପ ପୁଅର ଡ଼ାକ ଶୁଣିବ, ସ୍ୱାମୀ ସ୍ତ୍ରୀର ଡ଼ାକ ଶୁଣିବ ଆଉ ବନ୍ଧୁ ବନ୍ଧୁର ଡ଼ାକ ଶୁଣିବ, ତେବେ ଅଜଣା ଅଚିହ୍ନା ଲୋକର ଡ଼ାକ କିଏ ଶୁଣିବ ।"(ପୃ-୮୯) "ଏ ଜଗତର ଯୁଆଡେ ଗଲିବ, ସ୍ୟାଡ଼େ କେତେ ରୂପରେ କିଏ ସବୁ ଡାକୁଛନ୍ତି । ମୁଁ କାନ ପାରୁଛି ବୋଲି ଶୁଣି ପାରୁଛି । ବୁଝିଲେ ଆଜ୍ଞା । ସମସ୍ତେ ସବୁଡ଼ାକ ଶୁଣିପାର ନାହିଁ । ଡାକଟିଏ ଶୁଣିବା ମାତ୍ରେ ତ ବାବୁମାନେ ହିସାବ କରିବେ- ଏ ଡାକଟି ଯିଏ ଡାକୁଛି ସେ ନିଜର ନା ପର, ଏ ଡାକକୁ ଶୁଣିଲେ ଲାଭ ନା କ୍ଷତି ।"(ପୃ-୯୦) ଏଭଳି ଏକ ତାତ୍ତ୍ୱିକ ପ୍ରଶ୍ନର ଉପସ୍ଥାପନ ସହ କାହାଣୀଟି ଗତି କରିଛି । ପାଣି ପାଣି ଚିତ୍କାର କରି ଟୋପାଏ ପାଣି ବିହୁନେ ଆକ୍ସିଡେଣ୍ଟରେ ଭଲିଯାଇଥିବା ଗୋଟାଏ ଯୁବକର ଆର୍ତ୍ତଚିତ୍କାର ରହିରହି ଯନ୍ତ୍ରଣା ଦେଉଛି ଗୋଟିଏ ସିକ୍ୟୁରିଟି ଗାର୍ଡ ଗୌରାଙ୍ଗ ଗାଆଣଙ୍କୁ । ସେଥିପାଇଁ ସାରାଜୀବନ ଅବିଶ୍ରାନ୍ତ ଭାବରେ ପ୍ରତ୍ୟହ ୫୦/୬୦ ବୋତଲ ପାଣି ଭରି ରଖୁଥିବା ଓ ହାତ ବ୍ୟାଗରେ ଦୁଇ/ତିନି ଲିଟର ପାଣି ଧରି ପ୍ରତିନିୟତ ଯାଆ ଆସ କରୁଥିବା ଓ ପାଗଳ ପରି ମନେ ହେଉଥିବା ସିକ୍ୟୁରିଟି ଗାର୍ଡ ଗୌରାଙ୍ଗ ଗାଆଣର ମାନବିକତା ଓ ମଣିଷପଣିଆକୁ ଯେଉଁଦିନ ଆବିଷ୍କାର କରିଛନ୍ତି ରତିକାନ୍ତ, ତାଙ୍କୁ ମନେ ହେଉଛି କିଛି ସମୟ ପୂର୍ବରୁ ଯାହାଙ୍କୁ ସେ ନିଶାଖୋର ଓ ବାୟନ ବୋଲି ଭାବୁଥିଲେ ସେଇ ସିକ୍ୟୁରିଟି ଗାର୍ଡ ଗୌରାଙ୍ଗ ତାଙ୍କୁ ଦୃଶ୍ୟ ହୋଉଛନ୍ତି ଏକ ସନ୍ଥ ପରି ଖୁବ୍ ଉଜ୍ଜ୍ୱଳ ଓ ପ୍ରଜ୍ଞାଦୀପ୍ତ । ତାଙ୍କ ମଣିଷପଣିଆ ଓ ମାନବିକତାକୁ ସେ ମନେ ମନେ ସାଲ୍ୟୁଟ୍ କରିଛନ୍ତି ।

'ପୁତନାର ମୃତ୍ୟୁ ରହସ୍ୟ' ଗଳ୍ପରେ ଗାଳ୍ପିକ ପୁତନାକୁ ଏକ ପ୍ରତୀକ (symbol) ଭାବେ ଗ୍ରହଣ କରିଛନ୍ତି । ପୁରାଣର ପୁତନା ଏଠି ଏକ ସଂକେତଧର୍ମୀ ଚରିତ୍ର । ଗଳ୍ପରେ ପୁତନା ବୋଲି କେହି ଚରିତ୍ର ନାହିଁ । ମାତ୍ର ପୁରାଣରେ ପୁତନାର ଦୁଃଖ ପରି ଏବେର ସମାଜରେ ପ୍ରତିମାର ଦୁଃଖକୁ ଯୋଡ଼ାଯାଇଛି । ଏକ ଅଭିନବ ଦୃଷ୍ଟିକୋଣରୁ ବିଷୟ ଆଲୋଚନା କରାଯାଇଛି । ପୁରାଣର ପୁତନା ଜୀବନକାଳ ଭିତରେ କେବେବି ମାଆ ହୋଇପାରିନାହାନ୍ତି । ମାଆ ନହୋଇ ପାରିବାର ଦୁଃଖ ତାଙ୍କୁ ସାରାଜୀବନ ହନ୍ତସନ୍ତ କରିଛି । କଂସଙ୍କ ନିର୍ଦ୍ଦେଶରେ କୃଷ୍ଣଙ୍କୁ ମାରିବା ଉଦ୍ଦେଶ୍ୟରେ ନିଜ ଥନ ରୁ କ୍ଷୀର ଦେଇସାରିଲା ପରେ ଏକ ଅପୂର୍ବ ମାତୃତ୍ୱର ସ୍ପର୍ଶ ଅନୁଭବ କରିଛନ୍ତି । ତେଣୁ ପୁତ୍ର କୃଷ୍ଣଙ୍କୁ ବଞ୍ଚାଇ ରଖିବାକୁ ଯାଇ ନିଜେ ମରିଯାଇଛନ୍ତି । ସମଭାବରେ ଗଳ୍ପ ନାୟିକା ପ୍ରତିମା ଆଜୀବନ ମାଆ ହୋଇପାରି ନାହାନ୍ତି । ମାଆ ନହୋଇପାରିବାର ଦୁଃଖ ତାଙ୍କୁ ତିଳତିଳ ଦଗ୍ଧ କରିଛି । ଯାଆ ସତ୍ୟଭାମାର ପୁତ୍ରକୁ ଆଦର ଯତ୍ନ କରୁଥିଲେ ବି ହୃଦୟର କେଉଁ କୋଣରେ ସେଇ ପୁତ୍ରଟିକୁ ନେଇ ତାଙ୍କର ଦୁଃଖ ନଈଭଳି ଦିନକୁ ଦିନ ହୁ ହୁ ହୋଇ ବଢ଼ିଛି । ସତକୁ ସତ ତାଙ୍କ ଗାଁରେ ବହିଯାଉଥିବା ଦେବୀ ନଈରେ ବଢ଼ି ଆସିଛି । ପାଗଳିନୀ ଭଳି ପ୍ରତିମା ତାଙ୍କ ବଂଶର ଏକମାତ୍ର ସନ୍ତାନ ଯାଆର ପୁତ୍ରଟିକୁ ଧରି ଧାଇଁ ଯାଇଛନ୍ତି ବଢ଼ିନଈରେ ଛୁଆଟିକୁ ଫିଙ୍ଗିଦେବା ପାଇଁ । ମାତ୍ର ଶିଶୁପୁତ୍ରଟିର ଆତୁର ମାଆ ଡାକ ତାଙ୍କୁ ସ୍ତବ୍ଧ ଓ ଆନମନା କରିଦେଇଛି । ଛୁଆଟିକୁ ମାରିବା ପରିବର୍ତ୍ତେ ଭୀଷଣ ଝଡ଼ବର୍ଷା ରାତିରେ ତାକୁ ନିଜ ଛାତିତଳେ ଜାକିଧରି କଳେବଳେ କୌଶଳେ ବଞ୍ଚାଇରଖି ନିଜେ ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି । ପୁତନାଙ୍କ

ମୂର୍ତ୍ତିଭଳି ପ୍ରତିମାଙ୍କ ମୃତ୍ୟୁ ରହସ୍ୟ ଜଗତ୍ ପାଖରେ ଲୁକ୍କାୟିତ ହୋଇ ରହିଯାଇଛି ।

ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ଛାଇ-ଆଲୁଅର ସମ୍ପର୍କ, ଯାହା 'ଛାଇ ଆଲୁଅ' ଗଳ୍ପରେ ପ୍ରତୀୟମାନ । ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ କେବେ କେବେ କାଳିଶିଆ କାଠି ସାଜେ ତ କେବେକେବେ ପାଣିର ଗାର ପରି ମିଳେଇଯାଏ । ସ୍ୱାମୀ ରତନଙ୍କ ଉପରେ ଅଭିମାନ କରି ସ୍ତ୍ରୀ ସଂଚିତା ରାତିରେ ବାପଘରକୁ ଚାଲିଯାଇଛନ୍ତି ସତ୍ୟ; ମାତ୍ର ବାପଘର ଯେତେ ପାଖେଇ ପାଖେଇ ଆସିଛି ରତନଙ୍କ ଉଦାସ ମୁହଁ ତାଙ୍କର ସେତେସେତେ ମନେ ପଡ଼ିଛି । ସଂଚିତା ସେତେବେଳେ ରତନଙ୍କ ପ୍ରେମରେ ବାନ୍ଧିହୋଇ ଯାଇଛନ୍ତି । ସ୍ୱାମୀଙ୍କର କେଉଁଠିଁ ଗୁଣ ଓ ଅତୀତର କିଛି ଦୁର୍ଲଭ ଅମୂଲ୍ୟ ମୁହୂର୍ତ୍ତ ତାଙ୍କୁ ରତନଙ୍କ ବିଷୟରେ ଭାବିବାକୁ ବାଧ୍ୟ କରିଛି । ସ୍ୱାମୀ ରତନଙ୍କ ସହ ସବୁଦିନ ପାଇଁ ସମ୍ପର୍କ କାଟି ଦେବାକୁ ଚାହିଁଥିଲେ ବି ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଥିବା କେଉଁ ଏକ ସୂକ୍ଷ୍ମବନ୍ଧନ ତାଙ୍କୁ ତାହା କରିବାକୁ ଦେଉନାହିଁ । ଏଇ ବୋଧହୁଏ ଦାମ୍ପତ୍ୟ ଜୀବନ । ପତି-ପତ୍ନୀଙ୍କର ସମ୍ପର୍କର ଛାଇ; ଆଲୁଅ ଖେଳ ।

'ସବୁଠୁ ସୁନ୍ଦରୀ ନାରୀ' ଗଳ୍ପରେ ପ୍ରେମ, ଶ୍ରଦ୍ଧା ଓ ଭଲପାଇବା କେତେ ଶାଶ୍ୱତ ତାହା ମଧୁସ୍ମିତା ଓ ଜନ୍ମାନ୍ଧ ଅଦ୍ୱିତୀୟ ବିହୁଣିଆ ସୁରଦାସଙ୍କ ଚରିତ୍ର ଦ୍ୱୟଟିକୁ ଆକଳନ କରିହେବ । 'ସବୁନଥିବା ଏକ କାହାଣୀ'ରେ ରହିଛି ସବୁନଥିବା ଏକ ଜୀବନ୍ତ କାହାଣୀର ଚିତ୍ର । କ୍ଲାସ ସେଭେନ୍‌ରେ ପଢୁଥିବା ପୁଲୁ ଓରଫ ଶେଖର୍ ଦାସ ଦିନେ ସ୍କୁଲଯାଇ ଆଉ ଫେରିଲା ନାହିଁ । ବସନ୍ତ ବାବୁ ଓ ପ୍ରିୟମ୍ବଦା ପୁତ୍ରକୁ ଖୋଜି ଖୋଜି ନଯାନ୍ତ ହେଲେ । ବର୍ଷା ଗଲା ଶୀତ ଆସିଲା । ଶୀତ ଶେଷ ହୋଇ ପୁଣି ଧୁ ଧୁ ଖରା ମାଡ଼ି ଆସିଲା । ଖରା ଶେଷରେ ପୁଣି ଆସିଲା ଘନଘୋର ବର୍ଷା । ହେଲେ ପୁଲୁ ଆଉ ଫେରିଲା ନାହିଁ । ପୁତ୍ରର ଅବର୍ତ୍ତମାନରେ ବସନ୍ତବାବୁ ଓ ପ୍ରିୟମ୍ବଦା ପାଗଳ ହୋଇଗଲେ ସିନା; ଖୋଜିବାରୁ ବିରତି ନେଲେ ନାହିଁ । ତା' ପରଠୁ ସେଇ ଦୁଇଜଣଙ୍କୁ କି ବର୍ଷା, କି ଖରା, କି ଶୀତ ହାତ ଧରାଧରି ହୋଇ ସ୍କୁଲ ପାଚେରୀ ଉପରିପଟ ଠାରୁ ପାର୍କ । ପାର୍କ ଠାରୁ ରେଲଷ୍ଟେସନ, ଘର ଠାରୁ ସହର ପ୍ରତିଟି ଗଳିକନ୍ଦି ପୁତ୍ରର ପାଦଚିହ୍ନ ସନ୍ଧାନରେ ଅନବରତ ପାଗଳ ହୋଇ ବୁଲି ବୁଲୁଥିବାର ଦେଖିବାକୁ ମିଳିଲା; ପାଗଳ ହୋଇ ଘୁରିବୁଲୁଥିବା ଦେଖିବାକୁ ମିଳିଲା ରମାକାନ୍ତ ସାମନ୍ତ ରାୟ ଓ ତାଙ୍କ ପତ୍ନୀଙ୍କୁ ଯିଏ ବୁଢ଼ାବୁଢ଼ୀଙ୍କୁ ପୁତ୍ର ପୁଲୁକୁ ଆଣି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିଲେ । ଆଜିକାଲି ସ୍କୁଲ ପିଲାଙ୍କୁ ରାସ୍ତାରୁ କିଡ୍‌ନାପ କରି ନେଉଥିବା ଘଟଣା ନିତିଦିନିଆ ଘଟଣାରେ ପରିଣତ ହେଲାଣି ବସନ୍ତ ବାବୁ ଓ ପ୍ରିୟମ୍ବଦାଙ୍କ ପରି ବହୁ ବାପା ମାଆମାନେ ପାଗଳ ହୋଇ ଶେଷରେ ଜୀବନ ହାରି ଦେଉଛନ୍ତି । ତଥାପି ଅବିବେକୀ ଅମଣିଷ ମଣିଷମାନଙ୍କ ହୃଦୟରେ ପରିବର୍ତ୍ତନର କ୍ଷଣିକ ଆଭାସ ବି ଦିଶୁନାହିଁ । ସମାଜରେ ଘଟୁଥିବା ଏଭଳି କାହାଣୀର ପୂର୍ଣ୍ଣଚ୍ଛେଦ କେବେ ପଡ଼ିବ, ତାହା ଏକ ଅମୀମାଂସିତ ପ୍ରଶ୍ନ । ଏହି ଅମୀମାଂସିତ ପ୍ରଶ୍ନର ଉତ୍ତର କେବଳ ସମୟ ହାତରେ ?

ମଣିଷ ମନରେ ଉଠୁଥିବା ଏହିଭଳି ବହୁ ତାତ୍ତ୍ୱିକ ପ୍ରଶ୍ନ, ତା' ଭିତରେ ଲୁଚିଛି ସରଳ ପରୋକ୍ଷ ମୀମାଂସକ ଉତ୍ତର, ବଦଳନ୍ତି ସମାଜ ଓ ସମୟର ଆବଶ୍ୟକତା ଓ ଦୃଷ୍ଟିଭଙ୍ଗୀ, ଦେଶର ଯୁବଶକ୍ତିଙ୍କୁ କର୍ମଠ ହେବାକୁ ପ୍ରେରଣା; ମାଟି ମାଆ-ମାତୃଭାଷାକୁ ଭଲ ପାଇବାର କଥା, ପିତାମାତାଙ୍କୁ ଭଗବାନ୍‌ତୁଲ୍ୟ ସମ୍ମାନ ପ୍ରଦର୍ଶନ, ମିଛ ସନ୍ଦେହ ଭାଜି ସଂସାର ନୁହେଁ, ଜୀବନ ନେଇଯିବାର ଦୃଶ୍ୟ, ମେହେନତୀ ମଣିଷର ଦୁଃଖ, ଦେଶର ଗରିବୀ ଅବସ୍ଥା, ଶାଶ୍ୱତ ପ୍ରେମର ପରିଭାଷା ଓ ପ୍ରେମର ସହ ମଣିଷଟିଏ ମଣିଷକୁ ଭଲପାଇବାର ଶିକ୍ଷା ଦେବା ସହ ପ୍ରେମରେ ପ୍ରେମରେ ଜଡ଼-ଜୀବ-ଜଗତକୁ ବାନ୍ଧି ରଖିବାର ମହାମନ୍ତ୍ର ଦିଏ ଗଳ୍ପ ସଂକଳନ 'ଗାୟକ' । ଏହା ଗୋଟିଏ ମଣିଷର (ଗାଳ୍ପିକ ଡ.ରାୟ) ହାତରୁ ଝରୁଥି ଆସିଥିଲେ ହେଁ କୋଟିଏ ଓଡ଼ିଆ ପ୍ରାଣର କଥା କଳକଳ, ଛଳଛଳ ନିର୍ଝରିଣୀ ପରି ଏଥିରେ ମୂର୍ତ୍ତ ରୂପ ପରିଗ୍ରହ କରିଛି- 'ଗାୟକ' ଗଳ୍ପ ସଂକଳନର ଏହାହିଁ ସବୁଠୁ ବେଶୀ ପରିଲାପଣ । ଗାଳ୍ପିକ ରାୟଙ୍କର ମର୍ମଭେଦୀ ତେରଟି ଗଳ୍ପ ସଂକଳନ ପାଠକମାନଙ୍କୁ ବାନ୍ଧି ରଖିବା ପଶ୍ଚାତ୍‌ରେ ମୂଳକାରଣ ଗାଳ୍ପିକଙ୍କର ଅନନ୍ୟ ଗାଳ୍ପିକପଣ ଓ ଜୀବନର ପରିପୂର୍ଣ୍ଣତା ଭାବ ସଂପୃକ୍ତ । ଏହାହିଁ ତାଙ୍କର ପ୍ରତ୍ୟେକଟି ଗଳ୍ପ କଥାର ମୂଳବିନ୍ଦୁ ଓ ସଜୀବପଣ ।

ସହକାରୀ ପ୍ରଫେସର
ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ - ୭୫୬୦୨୦


ପୁନଶ୍ଚ
ବୋଧଦାୟିନୀ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

# ପୁନଶ୍ଚ ବୋଧଦାୟିନୀ

(ଭାଷା ଓ ସାହିତ୍ୟର ନୂତନ ସଂକେତ)

୧ମ ବର୍ଷ / ୧ମ ସଂଖ୍ୟା, ନଭେମ୍ବର ୨୦୨୨

ମୁଖ୍ୟ ଉପଦେଷ୍ଟା

**ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ**

କୁଳପତି

•

ଉପଦେଷ୍ଟା

**ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ**

ଅଧ୍ୟକ୍ଷ, ସ୍ନାତକୋତ୍ତର ପରିଷଦ

•

ସମୀକ୍ଷକ

**ପ୍ରଫେସର ନାରାୟଣ ସାହୁ**

•

ପ୍ରକାଶକ

**ଶ୍ରୀମତୀ କୁକୁମୀନା ଦାସ**

କୁଳସଚିବ

•

ସଂପାଦନା ମଣ୍ଡଳୀ

**ଡ. ଦେବାଶୀଷ ପାତ୍ର**

**ଡ. ଜୟନ୍ତ କୁମାର ଦାସ**

**ଡ. ପ୍ରହ୍ଲାଦ ଖିଲ**

**ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର**

# ସୂଚୀପତ୍ର


| | | |
|---|---|---|
| ଶିକ୍ଷକ ଫକୀରମୋହନ | ଡ. ଅରବିନ୍ଦ ଗିରି | : ୦୧ |
| ଓଡ଼ିଆ ଭାଷାର ମୌଳିକ ବୈଶିଷ୍ଟ୍ୟ : ଏକ ବିରଳ ବିମର୍ଶ | ଡ. ହରିଶ୍ଚନ୍ଦ୍ର ବେହେରା | : ୧୫ |
| ଏକବିଂଶ ଶତାବ୍ଦୀର ଓଡ଼ିଆ ଡାଏରୀ ସାହିତ୍ୟ | ଡ. ମଣୀନ୍ଦ୍ର କୁମାର ମେହେର | : ୩୪ |
| ଗୋପୀନାଥଙ୍କ ଉପନ୍ୟାସରେ ଆଦିବାସୀ ସଂସ୍କୃତି | ଡ. ପ୍ରସନ୍ନ କୁମାର ସ୍ୱାଇଁ | : ୪୨ |
| ଶିଶୁସାହିତ୍ୟିକ ରାମକୃଷ୍ଣ ନନ୍ଦ | ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ | : ୬୪ |
| ଓଡ଼ିଆ ପାଠ୍ୟପୁସ୍ତକ ଓ ମଧୁସୂଦନ ରାଓ | ଡ. ଦେବାଶିଷ ପାତ୍ର | : ୮୧ |
| ଓଡ଼ିଆ ନାରୀର ଅସ୍ମିତାବୋଧର ପ୍ରତୀକ: ଉତ୍କଳଭାରତୀ କୁନ୍ତଳାକୁମାରୀ | ଡ. ହେମଲତା ବେହେରା | : ୮୬ |
| ଫକୀରମୋହନଙ୍କ ପ୍ରବନ୍ଧରେ ତାତ୍କାଳିକ ସମାଜ ବ୍ୟବସ୍ଥା | ଡ. ଜୟନ୍ତ କୁମାର ଦାସ | : ୯୬ |
| ଫକୀରମୋହନ ପ୍ରଣୀତ ବ୍ୟାକରଣରେ ଓଡ଼ିଆ ବର୍ଣ୍ଣମାଳାର ସ୍ୱରୂପ | ଡ. ପ୍ରହ୍ଲାଦ ଖିଲ | : ୧୦୮ |

# ଓଡ଼ିଆ ନାରୀର ଅସ୍ମିତାବୋଧର ପ୍ରତୀକ: ଉତ୍କଳଭାରତୀ କୁନ୍ତଳାକୁମାରୀ

ଡ. ହେମଲତା ବେହେରା

॥୧॥

ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଥିବା ବାଣୀ-ସାଧିକାଙ୍କ ମଧ୍ୟରୁ ଉତ୍କଳ ଭାରତୀ କୁନ୍ତଳାକୁମାରୀ ଅଗ୍ରସ୍ମର୍ତବ୍ୟ । ଓଡ଼ିଶାର ପ୍ରଥମ ନାରୀ ଔପନ୍ୟାସିକ ଓ ଓଡ଼ିଶାର ପ୍ରଥମ ନାରୀ ଚିକିତ୍ସକ ଭାବରେ ଖ୍ୟାତ କୁନ୍ତଳା ଏକାଧାରରେ ଥିଲେ ଜଣେ ସମାଜ ସଂସ୍କାରକ, ନେତ୍ରୀ, ସଭାପତି, ଦକ୍ଷ ସଂଗଠକ, ସୁବକ୍ତା, ସୁସଂପାଦିକା ଓ ବାଗ୍ମୀ । ଏଯାବତ୍ ସଂଗୃହୀତ ଏହି ଯଶସ୍ୱିନୀ ସ୍ରଷ୍ଟାଙ୍କର ସାରସ୍ୱତ କୃତିଗୁଡ଼ିକ ମଧ୍ୟରେ ରହିଛି 'ଅଞ୍ଜଳି' (୧୯୨୨) 'ଉଚ୍ଛ୍ୱାସ' (୧୯୨୩) 'ଅର୍ଚ୍ଚନା' (୧୯୨୭) 'ସ୍ଫୁଲିଙ୍ଗ' (୧୯୨୯) 'ଆହ୍ୱାନ' (୧୯୩୦) 'ପ୍ରେମ ଚିନ୍ତାମଣି' (୧୯୩୦) 'ଓଡ଼ିଆଙ୍କ କାନ୍ଦଣା' (୧୯୩୬) 'ଗଡ଼ଜାତ କୃଷକ' (୧୯୩୯) 'ମଣିକାଞ୍ଚନ' ପ୍ରଭୃତି କାବ୍ୟକବିତା । 'ଭ୍ରାନ୍ତି' (୧୯୨୩) 'ପରଶମଣି' (୧୯୨୪) 'କାଳୀବୋହୂ' (୧୯୨୪) 'ନଅତୁଣ୍ଡୀ' (୧୯୨୫) 'ରଘୁ ଅରକ୍ଷିତ' (୧୯୨୮) 'ଚିତ୍ରପଟ', 'ମାଆ ଓ ପୁଅ' ଉପନ୍ୟାସ । ସାମ୍ୟବାଦ-ଭାରତୀୟ ଓ ରୁଷୀୟ, କେଶବଚନ୍ଦ୍ର, ହିନ୍ଦୀ ସାହିତ୍ୟର କ୍ରମବିକାଶ, ହିନ୍ଦୀ ସାହିତ୍ୟର କ୍ରମବିକାଶ ସମ୍ବନ୍ଧରେ ପଦେ ଅଧେ, ଆଧୁନିକ ଧର୍ମସମସ୍ୟା, ମାତୃମଙ୍ଗଳ (୧) ମାତୃମଙ୍ଗଳ (୨) 'ଅବୁଦ୍ଧିଶାଳର ଅନାଚାର' ପ୍ରକାଶିତ ପ୍ରବନ୍ଧ ଏବଂ ବିଂଶ ଶତାବ୍ଦୀରେ ଭାରତୀୟ ନାରୀ, ନାରୀସ୍ୱରାଜ, କଲିକତାରେ ପ୍ରବାସୀ ଉତ୍କଳ ସମ୍ମିଳନୀରେ ପଠିତ ଅଭିଭାଷଣାଦି ଓ ସହକାରରେ ପ୍ରକାଶିତ ଆଠଗୋଟି ସିରିଜ୍ ପତ୍ରାବଳୀ ଦିଲ୍ଲୀ ଚିଠି-୧, ୨, ୩, ୪, ୫, ୬, ୭, ୮ । ପ୍ରକାଶିତ ହିନ୍ଦୀ କବିତା ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି ନାରୀ, ଜାଗରଣ, ସତୀତ୍ୱ, ସୁଦିନ, ବରମାଲା, ସପନା । ଦୁଷ୍ପ୍ରାପ୍ୟ ରଚନାବଳୀ ଭିତରେ ରହିଛି ନାଟକ 'ଲକ୍ଷ୍ମେଟଙ୍କା' ଓଡ଼ିଆ କବିତା ପୁସ୍ତକ 'ଆହୂତି' ହିନ୍ଦୀ କବିତା ପୁସ୍ତକ (ଝରଣା) କଲେରା ପ୍ରତିକାର ଓ ହାଇଜିନ୍ (Hygien) । କୁନ୍ତଳାକୁମାରୀଙ୍କ ଅସାଧାରଣ ଦକ୍ଷତାର ଏକ ପରିଚୟ ସୁରୁଚିପୂର୍ଣ୍ଣ ତତ୍ତ୍ୱ ଓ ତଥ୍ୟ ସମ୍ବଳିତ ପତ୍ରପତ୍ରିକା ସମ୍ପାଦନା । କଲିକତାରୁ ପ୍ରକାଶିତ 'ପ୍ରବାସୀ ଓଡ଼ିଆ' ପତ୍ରିକାର ସମ୍ପାଦନା ସହ ହିନ୍ଦୀ ପତ୍ରିକା 'ସ୍ତ୍ରୀଭୂଷଣ',

ISSN 2394-4749

ଭାବଗତ ଭାଷାଗତ ଓ ଆତ୍ମଗତ ଚେତନାର ସ୍ୱାକ୍ଷରଃ

# ସୃଜନ ସ୍ୱପ୍ନ



ସଂପାଦିକା
ଦେବଶ୍ରୀ ଧଳ

ISSN2394-4749

ଭାବଗତ, ଭାଷାଗତ ଓ ଆତ୍ମଗତ ଚେତନାର ସ୍ୱାକ୍ଷର:

# ସୃଜନ ସ୍ୱପ୍ନ

(୧୬ଶ ବର୍ଷ, ଚତୁର୍ଥ ସଂଖ୍ୟା, ଜୁଲାଇ-ସେପ୍ଟେମ୍ବର -୨୦୧୭)

**ସୌଜନ୍ୟ ସଂପାଦକ**

ଡାକ୍ତର କୃଷ୍ଣ ରଥ

ଡକ୍ଟର ଦିବାକର ମାନସିଂହ

ଅକ୍ଷୟ କୁମାର ପତି

ମାନସ ରଞ୍ଜନ ପଟ୍ଟନାୟକ

**ମୁଖ୍ୟ ସଂପାଦକ**

ଦେଶବନ୍ଧୁ ସ୍ୱାଇଁ

**ସଂପାଦିକା**

ଦେବଶ୍ରୀ ଧଳ

**ପରିଚାଳନା ସଂପାଦକ**

ଶାଶ୍ୱତ ଧଳ

**ସଂପର୍କ**

ସୃଜନ ସ୍ୱପ୍ନ

୧୧୭୦/୧୯୭୭, ରୋଡ୍ ନଂ-୧୦

ଜଗନ୍ନାଥ ନଗର, ଜିଜିପି କଲୋନୀ

ଭୁବନେଶ୍ୱର-୭୫୧୦୨୫

ମୋ-୯୯୩୭୯୨୩୨୬୭

୨୯୭୪, ଗ୍ୟାରେଜ୍ ଛକ, ଲୁଇସ୍ ରୋଡ

(କେନାଲ ପାଖ), ଭୁବନେଶ୍ୱର-୭୫୧୦୦୨

ମୋ-୭୫୩୮୦୭୪୭୧୦, ୮୮୯୫୮୨୬୦୨୯

E-mail : srujana.swopna@gmail.com

ମୂଲ୍ୟ ୨୫/-ଟଙ୍କା

- ଏହା ପ୍ରତି ତିନିମାସରେ ଯଥା: ଅକ୍ଟୋବର-ଡ଼ିସେମ୍ବର, ଜାନୁୟାରୀ-ମାର୍ଚ୍ଚ, ଏପ୍ରିଲ୍-ଜୁନ୍, ଜୁଲାଇ-ସେପ୍ଟେମ୍ବରରେ ତିନୋଟି ସାଧାରଣ ସଂଖ୍ୟା ଓ ଗୋଟିଏ ବିଶେଷ ସଂଖ୍ୟା ଭାବରେ ପ୍ରକାଶ ପାଏ ।
- ଏହି ପତ୍ରିକାରେ ପ୍ରକାଶ ପାଇଁ ସୃଜନଶୀଳ ଲେଖାକୁ ଗୁରୁତ୍ୱ ଦିଆଯିବା ସହିତ ନୂତନ ଲେଖକ ଲେଖିକାଙ୍କୁ ଅଗ୍ରାଧିକାର ଦିଆଯାଇଥାଏ ।
- ପୁସ୍ତକ ସମୀକ୍ଷା ନିମନ୍ତେ ଦୁଇଖଣ୍ଡ ପୁସ୍ତକ ପ୍ରକାଶକ କିମ୍ୱା ଲେଖକଙ୍କଠାରୁ ଗ୍ରହଣ କରାଯାଏ ଓ ବିଶିଷ୍ଟ ସମୀକ୍ଷକଙ୍କ ଦ୍ୱାରା ଉକ୍ତ ପୁସ୍ତକ ମୂଲ୍ୟାୟନ କରାଯାଇ ପ୍ରକାଶ କରାଯାଏ ।
- ପୁସ୍ତକ ଓ ପତ୍ର ପତ୍ରିକାର ବିଜ୍ଞାପନ ପ୍ରକାଶ ନିମନ୍ତେ ଦୁଇଖଣ୍ଡ ପ୍ରତିଲିପି ସହିତ ପାଞ୍ଚଶହ ଟଙ୍କା ଗ୍ରହଣ କରାଯାଏ ।
- ବାର୍ଷିକ ଗ୍ରାହକ ଦେୟ ୨୦୦ ଟଙ୍କାରେ ବର୍ଷକୁ ଚାରିଥର ଡ଼ାକଯୋଗେ ପତ୍ରିକା ପଠାଇବାର ବ୍ୟବସ୍ଥା ରହିଛି । ଆଜୀବନ ଗ୍ରାହକ ଦେୟ ୨୦୦୦ ଟଙ୍କା ।
- ଲେଖକମାନେ ନିଜ ଲେଖାର ପ୍ରତିଲିପି ପାଖରେ ରଖି ମୂଳ ଲେଖା ପ୍ରଦାନ କରିବାକୁ ଅନୁରୋଧ ।
- କୌଣସି କାରଣ ପାଇଁ ପତ୍ରିକାରେ ସ୍ଥାନିତ ହୋଇ ପାରିନଥିବା ଲେଖା ଫେରସ୍ତ ଦିଆଯିବାର ବ୍ୟବସ୍ଥା ନାହିଁ ।
- ସୃଜନ ସ୍ୱପ୍ନ ଏବଂ ଭାଷା ସାହିତ୍ୟ ପାଇଁ ଯେକୌଣସି ମତାମତ ସର୍ବଦା ସ୍ୱାଗତ ଯୋଗ୍ୟ ।
- ସୃଜନ ସ୍ୱପ୍ନ ସମ୍ପର୍କୀୟ ସମସ୍ତ ପ୍ରକାର ଯୋଗାଯୋଗ ମୁଖ୍ୟ ସଂପାଦକ ଓ ପରିଚାଳନା ସଂପାଦକଙ୍କ ସହ ପାର୍ଶ୍ୱ ଲିଖିତ ଠିକଣାରେ କରିବାକୁ ଅନୁରୋଧ ।